FirstRanker.com
Firstranker's choice
www.FirstRanker.com www.FirstRanker.com

This Question Paper consists of 25 questions and 5 printed pages.
ଏହି ପ୍ରଶ୍ନପତ୍ରରେ ମୋଟ 25 ଟି ପ୍ରଶ୍ନ ଅଛି ଏବଂ 5 ମୁଦ୍ରିତ ପୃଷ୍ଠା ଅଛି ।

Roll No. / ରୋଲ୍ ନମ୍ବର୍ | | | | | | | | | | | | |

Code No. / କୋଡ୍ ନମ୍ବର୍ **49/S/O/OR**

Set **A**

# ODIA
## (ଓଡ଼ିଆ)
## (233)

Day and Date of Examination
ପରୀକ୍ଷାର ଦିନାଙ୍କ ଓ ତାରିଖ ____________

Signature of Invigilators
ପରୀକ୍ଷକ ମାନଙ୍କ ହସ୍ତାକ୍ଷର ନିରୀକ୍ଷକଙ୍କ ସ୍ୱାକ୍ଷର
1. ____________
2. ____________

---

ସାଧାରଣ ନିର୍ଦ୍ଦେଶାବଳୀ :

1. ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ପରୀକ୍ଷାର୍ଥୀ ନିଜର ରୋଲ୍ ନମ୍ବର ନିର୍ଦ୍ଦିଷ୍ଟ ସ୍ଥାନରେ ନିଶ୍ଚିତ ଲେଖନ୍ତୁ ।

2. ପ୍ରଶ୍ନପତ୍ରର ସମସ୍ତ ମୁଦ୍ରିତ ପୃଷ୍ଠା ଓ ପ୍ରଶ୍ନସଂଖ୍ୟା ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ଦିଆଯାଇଥିବା ସଂଖ୍ୟା ସହ ମିଳାଇ ନିଅନ୍ତୁ । ପ୍ରଶ୍ନଗୁଡ଼ିକ କ୍ରମାନୁଯାୟୀ ଅଛି କିନାହିଁ ଦେଖି ନିଅନ୍ତୁ ।

3. ଉତ୍ତର ପୁସ୍ତିକାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖନ୍ତୁ.

4. ସମସ୍ତ ପ୍ରଶ୍ନର ଉତ୍ତର ନିର୍ଦ୍ଧାରିତ ସମୟ ଭିତରେ ଦେବାକୁ ହେବ.

5. ଉତ୍ତର ପୁସ୍ତିକାର ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତିତ ଅନ୍ୟ କୌଣସି ସ୍ଥାନରେ ପରୀକ୍ଷାର୍ଥୀ ଯଦି ନିଜ ରୋଲ୍ ନମ୍ବର ଲେଖନ୍ତି କିମ୍ବା ଅନ୍ୟ କିଛି ଚିହ୍ନ ଦିଅନ୍ତି ତେବେ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷିତ କରାଯିବ.

6. ପ୍ରଶ୍ନପତ୍ରର କୋଡ୍ ନମ୍ବର **49/S/O/OR** ଉତ୍ତର ପୁସ୍ତିକାରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଲେଖନ୍ତୁ.



FirstRanker.com
Firstranker's choice
www.FirstRanker.com

FirstRanker.com
Firstranker's choice
www.FirstRanker.com www.FirstRanker.com

# ODIA

## (ଓଡ଼ିଆ)

## (233)

ସମୟ : 3 ଘଣ୍ଟା ] [ ପୂର୍ଣ୍ଣ ସଂଖ୍ୟା : 100

**ନୋଟ୍ :** (i) ପ୍ରତି ପ୍ରଶ୍ନର ଉତ୍ତର ଦିଅ ।

(ii) ପ୍ରତ୍ୟେକ ପ୍ରଶ୍ନ ସମ୍ମୁଖରେ ନିର୍ଦ୍ଧାରିତ ସଂଖ୍ୟା (ମାର୍କ) ସୂଚିତ ହୋଇଛି ।

---

**1.** ପ୍ରତିଟି ପ୍ରଶ୍ନର ଉତ୍ତର ଦିଅ. **3**

ସନ୍ଧି ବିଚ୍ଛେଦ କର (2 ଟିର)

ପୀତାମ୍ବର, ସଦିଚ୍ଛା, ଗିରୀଶ, ବନୌଷଧୀ

**2.** ପରୋକ୍ଷୋକ୍ତିରେ ପରିଣତ କର **1**

ରାମଚନ୍ଦ୍ର କହିଲେ - "ପିତୃବାକ୍ୟ ପାଳନରେ ମୁଁ ତିଳେହେଲେ କୁଣ୍ଠିତ ନୁହେଁ".

**3.** ନିମ୍ନଲିଖିତ ବାକ୍ୟଗୁଡ଼ିକ ମଧ୍ୟରୁ କେଉଁଟି ସରଳ ବାକ୍ୟ, କେଉଁଟି ଜଟିଳ ବାକ୍ୟ ଓ କେଉଁଟି ଯୌଗିକ ବାକ୍ୟ ଚିହ୍ନାଇ ଦିଅ. **3**

(A) ମୁଁ ଭାତ ଖାଇ ସ୍କୁଲକୁ ଯାଏ

(B) ସେମାନଙ୍କର ଉଦ୍ୟମ ସଫଳ ଏବଂ ତାସକେଣ୍ଟ୍ ଚୁକ୍ତି ଫଳରେ ଯୁଦ୍ଧର ଅବସାନ ଘଟିଲା

(C) ଯେ ଦେଶ ସେବା କରେ, ସେ ପ୍ରଶଂସା ପାଏ.

**4.** ନିମ୍ନ ପ୍ରତ୍ୟୟ ଗୁଡ଼ିକ ମଧ୍ୟରୁ ଯେକୌଣସି 3ଟି ପ୍ରତ୍ୟୟକୁ ନେଇ ଗୋଟିଏ ଗୋଟିଏ ଶବ୍ଦ ଗଠନ କର. **3**

ଆଳି, ଅନୀୟ, ଅନ, ଇଆ, ଇଣି

**5.** ଏକ ପଦରେ ପ୍ରକାଶ କର. **1**

ନୀଳ ଅମ୍ବର ଯାହାର, ଘୋଡ଼ା ମୁହଁ ପରି ମୁହଁ ଯାହାର



FirstRanker.com
Firstranker's choice
www.FirstRanker.com

FirstRanker.com
Firstranker's choice
www.FirstRanker.com www.FirstRanker.com

6. ବିପରୀତାର୍ଥବୋଧକ ଶବ୍ଦ ଲେଖ (4ଟିର) **2**

ଆଲୁଅ, ଇଚ୍ଛ, ଓଦା, ନୀତି, ନବୀନ

7. ରୂଢ଼ିମାନଙ୍କର ଅର୍ଥ ଲେଖ (3ଟିର) **3**

ନାଟର ଗୋବର୍ଦ୍ଧନ, କଟା ଘା'ରେ ଚୂନ ଦେବା, ଚିତା କାଟିବା, ତିଳକୁ ତାଳ କରିବା

8. ନିମ୍ନଲିଖିତ ସମୋଚ୍ଚାରିତ ଶବ୍ଦର ଅର୍ଥ ଲେଖ **2**

କୁଳ-କୂଳ, ଚିର-ଚୀର

9. 'ଷଠୀ ଘର' ର ଠିକ୍ ଅର୍ଥଟି ବାଛି ଲେଖ. **1**

(A) ଯେଉଁ ସ୍ଥାନରେ ଛଅଟି ଘର ଏକାଠି ଥାଏ

(B) ଛଅଟି ଘର ମଧ୍ୟରୁ ଷଷ୍ଠ ସ୍ଥାନରେ ଯେଉଁ ଘରଟି ଥାଏ

(C) ଯେଉଁ ଘରେ ଷଠୀ ଦେବୀଙ୍କର ପୂଜା ହୋଇଥାଏ

10. 'ହାଣ୍ଡି ଭାସି ଭାସିକା ଯା ପାଖରେ ଲାଗିଲା'- ବାକ୍ୟର ହାଣ୍ଡି ପରି ଦୁଇଟି ମାଟିରେ ତିଆରି ଜିନିଷର ନାମ ଲେଖ. **2**

11. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟ ସ୍ଥାନ ପୂରଣ କର. **1**

ଶହୀଦ ଲକ୍ଷ୍ମଣ ନାଏକଙ୍କ ଗ୍ରାମ ପାଖରେ - ନଦୀ ପ୍ରବାହିତ, (କାବେରୀ, କୋଲବା, ଇନ୍ଦ୍ରାବତୀ)

12. 'ଖ' ସ୍ତମ୍ଭରୁ ଶବ୍ଦ ବାଛି 'କ' ସ୍ତମ୍ଭର ଶବ୍ଦ ସହ ମିଳାଅ. (3ଟିର) **3**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ସ୍ୱଦେଶୀ | ମାର୍ଗ |
| ତାଲିମ | ଭାବ |
| ହିଂସାତ୍ମକ | କର୍ମ |
| ଦ୍ୱିଧା | କେନ୍ଦ୍ର |
| | ଆନ୍ଦୋଳନ |

13. 'ଜୀବନ' ଶବ୍ଦର ଦୁଇଟି ଅର୍ଥ ଲେଖ **1**

14. 'ନମସ୍କାର' ପରି ଆଉ ଦୁଇଟି ଶବ୍ଦ ଲେଖ. **2**



FirstRanker.com
Firstranker's choice
www.FirstRanker.com

FirstRanker.com
Firstranker's choice
www.FirstRanker.com www.FirstRanker.com

**15.** ନିମ୍ନଲିଖିତ ଶବ୍ଦ ଗୁଡ଼ିକର ଗଦ୍ୟରୂପ ଲେଖ. (2ଟିର) **1**

ଜନମ, ଶବଦ, ସିନେହ, ପରବ

**16.** ନିମ୍ନଲିଖିତ ଶବ୍ଦ ମାନଙ୍କର ବର୍ତମାନ ପ୍ରଚଳିତ ରୂପ ଲେଖ. (2ଟିର) **1**

ଦଇବତ, ପ୍ରତକ୍ଷେ, ସନ୍ଥପି

**17.** ବନ୍ଧନୀ ମଧ୍ୟରୁ ଠିକ୍ ଶବ୍ଦ ବାଛି ଶୂନ୍ୟ ସ୍ଥାନ ପୂରଣ କର. **1**

ସୂଚନା ପ୍ରଯୁକ୍ତି ବିଦ୍ୟାର ଏକ ଗୁରୁତ୍ୱପୂର୍ଣ ଅଙ୍ଗ ହେଉଛି ________

(ମହାକାଶ କାର୍ଯ୍ୟକ୍ରମ, ରେଡିଓ ଓ ଟେଲିଭିଜନ୍, ଦୂର ସଞ୍ଚାର କାର୍ଯ୍ୟକ୍ରମ)

**18.** ନିମ୍ନ ଶବ୍ଦଟି କେଉଁ ପ୍ରକାର ପଦ? ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ. **1**

ଖ୍ୟାତ (ବିଶେଷ୍ୟ, ବିଶେଷଣ)

**19.** ସଂକ୍ଷେପରେ ଉତ୍ତର ଦିଅ (**6** ଟିର) **1½x6=9**

(A) ରୋହିଣୀ କିଏ?

(B) ଖଦ୍ୟୋତ କାହାକୁ ମହାନ୍ ଦାନ ଦିଏ

(C) କବିବର ରାଧାନାଥ ରାୟ ତାଙ୍କର ଶେଷ ଜୀବନ କେଉଁଠି ଓ କିଭଳି କଟାଇବେ ବୋଲି ଭାବିଥିଲେ?

(D) ଉତ୍କଳ ଲକ୍ଷ୍ମୀଙ୍କ ଜଳକ୍ରୀଡ଼ା ପାଇଁ କାହାକୁ କାହାକୁ ସରୋବର ଭାବେ ଗ୍ରହଣ କରାଯାଇଛି

(E) 'ତ୍ରିବେଣୀ' କହିଲେ କଣ ବୁଝ ?

(F) ଅଗସ୍ତିଙ୍କ ପାଦକୁ କାହା ସହିତ ଓ କାହିଁକି ତୁଳନା କରାଯାଇଛି ?

(G) ଯୁଧିଷ୍ଠିରଙ୍କ ସହିତ ସ୍ୱର୍ଗଯାତ୍ରା କରିଥିବା କୁକୁରଟିର ବର୍ଣ କିପରି ?

**20.** ସଂକ୍ଷେପରେ ଯେକୌଣସି **3** ଟି ପ୍ରଶ୍ନର ଉତ୍ତର ଦିଅ - **3x3=9**

(A) ସୂଚନା ପ୍ରଯୁକ୍ତି ବିଦ୍ୟାର ମୁଖ୍ୟ 3ଟି ଧାରାର ସୂଚନା ଦିଅ.

(B) ଗାନ୍ଧିଜୀ କଣ ପାଇଁ ଉପବାସ କରୁଥିଲେ?

(C) ପ୍ରାଚୀନ ଓଡ଼ିଶା କେଉଁ ତିନୋଟି ଅଞ୍ଚଳର ମିଶ୍ରଣ ବୋଲି ଲେଖକ କହିଛନ୍ତି?

(D) ବେଣୁଧର ଗଛମୂଳେ ବସି କ'ଣ ଭାବେ?



FirstRanker.com
Firstranker's choice
www.FirstRanker.com

FirstRanker.com
Firstranker's choice
www.FirstRanker.com www.FirstRanker.com

**21.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ମଧ୍ୟରୁ ଯେକୌଣସି **3 ଟିର** ପ୍ରଶ୍ନର ଉତ୍ତର ଦିଅ. **3x7=21**

(A) ହିମାଳୟର ହିମଛାୟା ତଳେ ମସୁରୀ ଅନୁସରଣରେ ଲେଖକଙ୍କର ପଞ୍ଜାବୀ ଜାତି ବିଷୟରେ କି ଧାରଣା ଥିଲା?

(B) ପ୍ରାଚୀନ ଓଡ଼ିଶାର ସୀମା ଓ ବିସ୍ତୃତି ସମ୍ପର୍କରେ ଉଲ୍ଲେଖ କର.

(C) ଲକ୍ଷ୍ମଣ ନାଏକ ଲୋକମାନଙ୍କର ଶ୍ରଦ୍ଧା ଓ ସମ୍ମାନର ପାତ୍ର ଥିଲେ କାହିଁକି?

(D) ଗଙ୍ଗାମାତାଙ୍କର ଦାନର ସଦୁପଯୋଗ ନ କରିବା ଫଳରେ ଚକୁଳିଆ ପଣ୍ଡାକୁ କି ପରିଣତି ଭୋଗିବାକୁ ହେଲା.

(E) ରେବତୀର ପାଠ ପଢ଼ାକୁ ଜେଜୀମା ବିରୋଧ କରିବାର କାରଣ କଣ?

**22.** ଯେକୌଣସି **2 ଟିର** ପ୍ରଶ୍ନର ଉତ୍ତର ଦିଅ. **6+6=12**

(A) 'ଛୋଟ ମୋର ଗାଆଁଟି' କବିତା ଅବଲମ୍ବନରେ ଗାଁର କେଉଁ କେଉଁ ଦୃଶ୍ୟ ଓ ପରିବେଶ କବିଙ୍କୁ ଆନନ୍ଦ ଦେଇଛି ଆଲୋଚନା କର.

(B) 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ' କବିତା ଅନୁସରଣରେ ପରହିତ ପାଇଁ ଜୀବନ ଉତ୍ସର୍ଗ କରିବା ହିଁ କବିଙ୍କର ଜୀବନର ଲକ୍ଷ - ଆଲୋଚନା କର.

(C) 'ଉତ୍କଳ ଲକ୍ଷ୍ମୀ' କବିତାରୁ କବିଙ୍କର ପ୍ରକୃତି ପ୍ରାଣତାର ପରିଚୟ ପ୍ରଦାନ କର.

**23.** 200 ଟି ଶବ୍ଦ ମଧ୍ୟରେ ଯେକୌଣସି ଗୋଟିଏ ବିଷୟରେ ରଚନା ଲେଖ. **10**

(A) ନାରୀ ଶିକ୍ଷା

(B) ମୋ ଜୀବନର ଲକ୍ଷ୍ୟ

(C) ଭାରତର ସ୍ୱାଧୀନତା ଦିବସ

**24.** ତୁମ ଜନ୍ମଦିନ ଉତ୍ସବରେ ଯୋଗ ଦେବା ପାଇଁ ଅନ୍ତରଙ୍ଗ ସାଥୀଙ୍କ ନିକଟକୁ ଚିଠି ଲେଖ. **5**

**କିମ୍ବା**

ଗ୍ରାମରେ ପାଠାଗାର ପ୍ରତିଷ୍ଠା ପାଇଁ ମଣ୍ଡଳ ଉନ୍ନୟନ ଅଧିକାରୀ କୁ ଦରଖାସ୍ତ ଲେଖ.

**25.** ଓଡ଼ିଆରେ ଅନୁବାଦ କର - **2**

(A) Bhubaneswar is the capital of Orissa.

(B) Our house is at Puri.

- o O o -



FirstRanker.com
Firstranker's choice
www.FirstRanker.com